ସୀମା ଶୁଳ୍କ ଆୟୁକ୍ତ, ଅମୃତସର

ବନାମ

ମେସର୍ସ ଅଜୟ କୁମାର ଏବଂ କୋ

(ଦେୱାନୀ ଆବେଦନ ସଂଖ୍ୟା 645/2008)

ମେ 8,2009

**[ଡକ୍ଟର ଅରିଜିତ୍ ପାଶାୟତ୍ ଏବଂ ଡକ୍ଟର ମୁକୁନ୍ଦକମ୍ ଶର୍ମା, ନ୍ୟାୟମୂର୍ତ୍ତିଦ୍ୱୟ]**

*ସୀମା ଶୁଳ୍କ ଅଧିନିୟମ, ଅଧିନିୟମ - ଧାରା 28 (1) ଏବଂ ଧାରା 111 - ଅନୁଜ୍ଞପ୍ତି ପତ୍ର ସମେତ ହସ୍ତାନ୍ତରଯୋଗ୍ୟ କର ଅଧିକାର ହିସାବ ବହିର (ଡି. ଇ. ପି. ବି.) କ୍ରୟ- ମୂଳ ଅନୁଜ୍ଞପ୍ତି ପତ୍ର ଧାରୀଙ୍କୁ ଆରୋପିତ ଭାବେ ଉଲ୍ଲଂଘନ କରିଥିବାର ଉଲ୍ଲେଖ ନକରି ଅନୁଜ୍ଞପ୍ତି ପତ୍ର ଗ୍ରହୀତାଙ୍କୁ କାରଣ ଦର୍ଶାଅ ସୂଚନା ଜାରି – ନିର୍ଣ୍ଣୟ ଦିଆଗଲା ଯେ : କାରଣ ଦର୍ଶାଅ ନୋଟିସ ତ୍ରୁଟିପୂର୍ଣ୍ଣ ଥିଲା - ରାଜସ୍ୱ ବିଭାଗ ଦ୍ୱାରା ଦାଖଲ ହୋଇଥିବା ଆବେଦନ ଖାରଜ କରିଦିଆଗଲା।*

*ସୀମା ଶୁଳ୍କ ଆୟୁକ୍ତ (ଆମଦାନୀ) ବମ୍ବେ ବନାମ ମେସର୍ସ ଏଚ୍. ଆଇ. ସି. ଓ. ଏଣ୍ଟରପ୍ରାଇଜେସ୍* **(2008) 11 SCC 720** ମାମଲା ଉପରେ ନିର୍ଭର କରାଗଲା।

**ମାମଲା ଆଇନ ପ୍ରସଙ୍ଗ ସୂଚନା :**

**(2008) 11 SCC 720 ଅନୁଚ୍ଛେଦ 4 ଉପରେ ନିର୍ଭର କରାଗଲା।**

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 645/2008

ଦେୱାନୀ ଆବେଦନ ସଂଖ୍ୟା 2529/2008 ସହିତ ସୀମା ଶୁଳ୍କ ଆବେଦନ ସଂଖ୍ୟା 17/2006 ରେ ଚଣ୍ଡିଗଡ଼ ସ୍ଥିତ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କର ତାରିଖ 15.03.2007 ର ରାୟ ଏବଂ ଆଦେଶରୁ ବର୍ତ୍ତମାନର ଏହି ଆବେଦନ।

ଉପସ୍ଥିତ ପକ୍ଷମାନଙ୍କ ତରଫରୁ ପି. ଭି. ସେଠୀ, ଏସ୍. କେ. ବାଗାରିଆ, ଅରବିନ୍ଦ କେ. ଶୁକ୍ଲା, ଏସ୍. ଏନ୍. ଟର୍ଡୋଲ୍, ଜି. ଡି. ମିଶ୍ର, ପି. ନରସିଂହନ୍, ବି. କୃଷ୍ଣ ପ୍ରସାଦ, ବି. ଭି. ବଳରାମ ଦାସ, ରାଜେଶ କୁମାର, ଜାଭେଦ ମୁଜାଫର ଏବଂ ଉମେଶ କୁମାର।

**ନ୍ୟାୟମୂର୍ତ୍ତି ଡକ୍ଟର ଅରିଜିତ ପାଶାୟତ**ଙ୍କ ଦ୍ଵାରା ନ୍ୟାୟାଳୟର ରାୟ ଦ୍ଵାରା ପ୍ରଦାନ କରାଗଲା ।

ଏହି ଆବେଦନରେ ଆପତ୍ତି ହେଉଛି ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟ ଙ୍କ ଦ୍ଵାରା ପାରିତ ଆଦେଶ ଯାହା ନୂଆଦିଲ୍ଲୀ ସ୍ଥିତ ସୀମା ଶୁଳ୍କ, ଉତ୍ପାଦ ଶୁଳ୍କ ଏବଂ ସେବା କର ଅପିଲୀୟ ନ୍ୟାୟାଧିକରଣ(ସଂକ୍ଷେପରେ 'CESTAT') ର ଆଦେଶକୁ କାଏମ ରଖିଥିଲେ ଯେଉଁଥିରେ ଆବେଦନକାରୀଙ୍କ ଦ୍ଵାରା ଦାଖଲ ହୋଇଥିବା ଆବେଦନକୁ ଖାରଜ କରିଦିଆଯାଇଥିଲା ।

2. ପୃଷ୍ଠଭୂମି ତଥ୍ୟ ସଂକ୍ଷେପରେ ନିମ୍ନରେ ଦିଆଗଲା :

ଉତ୍ତରଦାତା ମେସର୍ସ ପାର୍କର ଇଣ୍ଡଷ୍ଟ୍ରିଜ୍ ନାମରେ ଜାରି କରାଯାଇଥିବା 6.11.2000 ଏବଂ 20.11.2000 ତାରିଖ ବିଶିଷ୍ଟ ଅନୁଜ୍ଞପ୍ତି ପତ୍ର ଅନୁକରଣୀୟ କର ଅଧିକାର ହିସାବ ବହି (ଡି. ଇ. ପି. ବି.) (ସଂକ୍ଷେପରେ 'DEPB') ହାସଲ କରିଛନ୍ତି ଏବଂ/କିମ୍ବା କ୍ରୟ କରିଛନ୍ତି । 30.5.2002, D 12.6.2002 ଏବଂ 26.7.2002 ତାରିଖ ବିଶିଷ୍ଟ କାରଣ ଦର୍ଶାଅ ସୂଚନା ଜରିଆରେ ଉତ୍ତରଦାତାଙ୍କୁ କାରଣ ଦର୍ଶାଇବା ପାଇଁ ଡକାଯାଇଥିଲା ଯେ କାହିଁକି ସୀମା ଶୁଳ୍କ ଅଧିନିୟମ, 1962 (ସଂକ୍ଷେପରେ 'ଅଧିନିୟମ') ର ଧାରା 28 (1) ର ପ୍ରାବଧାନ ଅନୁଯାୟୀ Rs. 12,45,174/- ଟଙ୍କାକୁ ଅସୁଲ କରାଯାଇପାରିବନାହିଁ ଏବଂ ଉକ୍ତ ଟଙ୍କାକୁ ଦାବି ମଧ୍ୟ କରାଯାଇପାରିବ ନାହିଁ । ବିଜ୍ଞପ୍ତି ଗ୍ରହୀତା ଉକ୍ତ ଅଭିଯୋଗଗୁଡିକୁ ଅସ୍ଵୀକାର କଲେ ।

କିନ୍ତୁ ଅମୃତସର ସ୍ଥିତ ସୀମା ଶୁଳ୍କ ଆୟୁକ୍ତ ସୁଧ ଏବଂ ଜୋରିମାନା ସହିତ ଏହି ଦାବିକୁ ନିଶ୍ଚିତ କଲେ । ଏହା ମଧ୍ୟ ମୂଳ ଅନୁଜ୍ଞପ୍ତି ପତ୍ର ଧାରକ ଏବଂ ବର୍ତ୍ତମାନର ଅନୁଜ୍ଞପ୍ତି ପତ୍ରଧାରୀଙ୍କ ଦ୍ଵାର ମିଳିତ ଭାବେ ପ୍ରଦାନ କରାଯିବ । ଅଧିନିୟମ ର ଧାରା 111 ଅନୁଯାୟୀ ସାମଗ୍ରୀ ବାଜ୍ୟାପ୍ତି ହେବା ଯୋଗ୍ୟ ବୋଲି ଦର୍ଶାଯାଇଥିଲା ।

ଦାବିଟିକୁ ତମାଦି ଧାରଣଯୁକ୍ତ କରି ନ୍ୟାୟାଧିକରଣ ଉତ୍ତରଦାତାଙ୍କ ଆବେଦନକୁ ଅନୁମତି ଦେଲେ । ଉଚ୍ଚ ନ୍ୟାୟାଳୟ ଏହି ମତକୁ କାଏମ ରଖିଥିଲେ ।

3. ଏହି ଆବେଦନରେ ଉପରୋକ୍ତ ସିଦ୍ଧାନ୍ତକୁ ଆପତ୍ତି କରାଯାଇଛି । ଉତ୍ତରଦାତା ପାଇଁ ବିଦ୍ଵାନ ପରାମର୍ଶଦାତା ଦର୍ଶାଇଥିଲେ ଯେ କାରଣ ଦର୍ଶାଅ ସୂଚନାରେ ଏହାର କୌଣସି ଭୂମିକା ନାହିଁ।

4. ଏହା ଦେଖିବାକୁ ମିଳିଛି ଯେ କାରଣ ଦର୍ଶାଅ ସୂଚନାରେ ଉକ୍ତ ଅନୁଜ୍ଞପ୍ତି ପତ୍ରର ହସ୍ତାନ୍ତରକାରୀ ଯିଏକି ମେସର୍ସ ପାର୍କର ଇଣ୍ଡଷ୍ଟ୍ରିଜ, ତାଙ୍କୁ ଆରୋପିତ ଭାବେ ଉଲ୍ଲଂଘନ ହୋଇଛି ବୋଲି କୌଣସି ଉଲ୍ଲେଖ ନଥିଲା । CESTAT ଏବଂ ଉଚ୍ଚ ନ୍ୟାୟାଳୟଙ୍କର ରାୟରେ ହସ୍ତକ୍ଷେପ ନିର୍ଦ୍ଦେଶନାମା କରିବା ପାଇଁ କୌଣସି ଅଦୃଢତା ନାହିଁ । ଉଲ୍ଲେଖଯୋଗ୍ୟ ଯେ ସୀମା ଶୁଳ୍କ ଆୟୁକ୍ତ (ଆମଦାନୀ) ବମ୍ବେ ବନାମ ମେସର୍ସ ଏଚ୍. ଆଇ. ସି. ଓ. ଏଣ୍ଟରପ୍ରାଇଜେସ୍ [2008 (11) SCC 720] ମାମଲାରେ ମଧ୍ୟ ତଦନୁରୂପ ମତ ଗ୍ରହଣ କରାଯାଇଥିଲା । ଏହି ଆବେଦନ ଖାରଜ କରାଗଲା ।

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 2529/2008

ନ୍ୟାୟମୂର୍ତ୍ତି ଡକ୍ଟର ଅରିଜିତ ପଶାୟତଙ୍କ ମତରେ ସୀମା ଶୁଳ୍କ ଆୟୁକ୍ତ (ଆମଦାନୀ) ବମ୍ବେ ବନାମ ମେସର୍ସ ଏଚ୍ ଆଇ ସି ଓ ଏଣ୍ଟରପ୍ରାଇଜେସ୍ [2008 (11) SCC 720] ମାମଲାରେ ଏହି ନ୍ୟାୟାଳୟଙ୍କର ରାୟକୁ ଦୃଷ୍ଟିରେ ରଖି, ଏହି ଆବେଦନ ଖାରଜ ହେବା ଯୋଗ୍ୟ ଯାହା ଆମେ ସେହି ଅନୁଯାୟୀ ନିର୍ଦ୍ଦେଶ ଦେଉଛୁ ।

ବି. ବି. ବି. ଆବେଦନକୁ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।